## ଓଏସ୍ଏପି ସ୍କୁଲରେ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

**ରାଉରକେଲା, ୨୧।୧(ସମିସ):** ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦେଶ ବିଦେଶରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଓଏସ୍ଏପି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଇସ୍ପାତ ସାହିତ୍ୟ ସଂସଦ ସଭାପତି ବ୍ରଜେନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କୁ ସ୍ୱାଗତ, ପ୍ରଦୀପ ପ୍ରଜ୍ୱଳନ, ପରିଚୟ ପ୍ରଦାନ ପରେ ପ୍ରଧାନଶିକ୍ଷକ ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ଦାଶ ଓଡ଼ିଆ ଜାତି ପ୍ରତି ମାତୃଭାଷା ଓଡ଼ିଆର ଅବଦାନ ସମ୍ବନ୍ଧରେ ସାରଗର୍ଭକ ଉଦବୋଧନ ଦେଇ ବିଦ୍ୟାର୍ଥୀମାନଙ୍କୁ ନିଜ ମାଆ, ମାଟି ଓ ମାତୃଭାଷା ପ୍ରତି କୃତଜ୍ଞ ରହିବାକୁ ଉପଦେଶ ଦେଇଥିଲେ। ପରେ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନ କ୍ଲବ୍‌ର ବିଦ୍ୟାର୍ଥୀଙ୍କୁ ନେଇ ଗଳ୍ପ ଲିଖନ, ଗଳ୍ପ ପଠନ ଓ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା।




ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଭାଷା ବିକାଶ ମଞ୍ଚ ଆବାହକ ଆର୍ତ୍ତତ୍ରାଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଇସ୍ପାତ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଓ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ରାଉତ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରାଚୀନ ତଥା ସମୃଦ୍ଧ ଓଡ଼ିଆ ଭାଷା ସାହିତ୍ୟର ମହତ୍ତ୍ୱ ବିଷୟରେ ଉଲ୍ଲେଖ କରିବାକୁ ଯାଇ ବିଦ୍ୟାର୍ଥୀମାନଙ୍କୁ ସେହି ଭାଷା ସାହିତ୍ୟର ଜାଗ୍ରତ ପ୍ରହରୀ ବୋଲି ଅତିଥିମାନେ ଅଭିହିତ କରିଥିଲେ। ନିମନ୍ତ୍ରିତ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଉମାକାନ୍ତ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମିଶ୍ର, ବିକାଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ବିଶ୍ୱାଳ, ପ୍ରତାପ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ରବିନାରାୟଣ ପାତ୍ର, ଅଚଳା ମିଶ୍ର, ରୋହିଣୀ ରାଉତ ଓ ସୁଶ୍ରୀ ସମୀକ୍ଷା ପ୍ରମୁଖ ସହଯୋଗ କରିଥିଲେ।

## 'କେମିତି ଏ ସମ୍ପର୍କ'ରେ ବାସବଦତ୍ତାଙ୍କ କଣ୍ଠଦାନ

ରାଉରକେଲା, ୨୧।୧(ସମିସ)





ଓଡ଼ିଆ ଚଳଚ୍ଚିତ୍ର 'କେମିତି ଏ ସମ୍ପର୍କ'ର ସଙ୍ଗୀତ ନିକଟରେ ମୁକ୍ତିଲାଭ କରିଛି। ଏଥିରେ କଣ୍ଠଦାନ କରିଥିବା ଇସ୍ପାତ ସହରର ଜଣାଶୁଣା କଣ୍ଠଶିଳ୍ପୀ ବାସବଦତ୍ତା ମହାନ୍ତିଙ୍କ ସଙ୍ଗୀତ 'କୁନି କୁନି ଓଠରେ...' ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁଛି। ନିକଟରେ କଟକଠାରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବରେ ପ୍ରଖ୍ୟାତ ଅଭିନେତା, ନିର୍ଦ୍ଦେଶକ ତଥା ସାଂସଦ ପ୍ରଶାନ୍ତ ନନ୍ଦ 'କେମିତି ଏ ସମ୍ପର୍କ' ଚଳଚ୍ଚିତ୍ରର ଅଡିଓ ରିଲିଜ କରିଥିଲେ। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ବିକାଶ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ପ୍ରଭାତ ବିଶ୍ୱାଳ ତଥା ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ରହିଛନ୍ତି ଓଲିଉଡର ଆଗଧାଡ଼ିର ଅଭିନେତା ଆକାଶ ଦାସନାୟକ ଏବଂ ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ଲିସ୍ସା ମିଶ୍ର। ଓଡ଼ିଆ ସିନେମାର ବିଶିଷ୍ଟ ନିର୍ଦ୍ଦେଶକ ଚଣ୍ଡୀ ପରିଜା ଏହାର ନିର୍ଦ୍ଦେଶନା ଦେଉଥିବା ବେଳେ ପ୍ରଯୋଜକ ଓ କାହାଣୀକାର ରହିଛନ୍ତି ରୂପେଶ କୁମାର ନାୟକ। ଚଳଚ୍ଚିତ୍ରର ଗୀତଗୁଡ଼ିକ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚଳଚ୍ଚିତ୍ରର ଗୀତଗୁଡ଼ିକ ଅତ୍ୟନ୍ତ ମନଛୁଆଁ ରଚନା ଏବଂ ଅଭିଜିତ ମଜୁମଦାରଙ୍କ ଅତି ସୁନ୍ଦର ହୃଦୟସ୍ପର୍ଶୀ ବାଦ୍ୟସଙ୍ଗୀତ ଓ ସ୍ୱର ସଂଯୋଜନାକୁ ନେଇ ସମୃଦ୍ଧ ରହିଥିବାରୁ ନିଶ୍ଚିତ ରୂପେ ଲୋକପ୍ରିୟ ହେବ ବୋଲି କଣ୍ଠଶିଳ୍ପୀ ବାସବଦତ୍ତା ଆଶାବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ରରେ ବାସବଦତ୍ତାଙ୍କ ସମେତ ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର, ସ୍ୱୟଂ ପାଢ଼ୀ, ସତ୍ୟଜିତ ଓ ବିଷ୍ଣୁମୋହନ କବି ପ୍ରମୁଖ ଆଗଧାଡ଼ିର କଣ୍ଠଶିଳ୍ପୀମାନେ ମଧ୍ୟ କଣ୍ଠଦାନ କରିଛନ୍ତି। ଫେବୃଆରୀ ୯ ତାରିଖରେ ଉକ୍ତ ଚଳଚ୍ଚିତ୍ର ବଡ଼ ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି।

ସୂଚନାଯୋଗ୍ୟ, ଇସ୍ପାତ ସହରର ପ୍ରଥମ କଣ୍ଠଶିଳ୍ପୀ ରୂପେ ବାସବଦତ୍ତା ଦୁଇଟି ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ସେ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ'ରେ କଣ୍ଠଦାନ କରି ଓଡ଼ିଆ ସିନେମା ଜଗତରେ ପାର୍ଶ୍ୱଗାୟିକା ରୂପେ ପାଦ ଦେଇଥିଲେ। ସୁମଧୁର ସଙ୍ଗୀତ ପରିବେଷଣ କରି ସମଗ୍ର ଅଞ୍ଚଳରେ ବାସବଦତ୍ତା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅନେକ ସାମାଜିକ ସାଂସ୍କୃତିକ ପର୍ବରେ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶ୍ରୋତାଙ୍କ ମନ ମୋହିଛି। ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଆୟୋଜିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କ କଣ୍ଠର ମଧୁର ସ୍ପର୍ଶ ଦେଖିବାକୁ ମିଳେ। ଏହାବ୍ୟତୀତ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଶ୍ରୀ ଜୟଦେବ ଜୟନ୍ତୀ ସମାରୋହରେ ମଧ୍ୟ ଦେଖିବାକୁ ମିଳିଛି ତାଙ୍କ ପରିବେଷିତ ଗୀତଗୋବିନ୍ଦର ସୁମଧୁର ମୂର୍ଚ୍ଛନା ଯାହା ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ନିଜ ସଫଳତାର ଶ୍ରେୟ ନିଜ ମାତାପିତା, ସଙ୍ଗୀତ ଗୁରୁ ଏବଂ ସର୍ବୋପରି ଈଶ୍ୱରଙ୍କୁ ସମର୍ପିତ କରିବା ସହ ଆଗକୁ ପ୍ରଗାଢ଼ ସଙ୍ଗୀତ ସାଧନା ଜରିଆରେ ଓଡ଼ିଆ ସିନେ ଜଗତରେ ଅଧିକ ସଫଳତା ହାସଲ ପାଇଁ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

## ବଣାଇଁ ଆଇଟିଡିଏ ପକ୍ଷରୁ ଯୁବ ଉଦ୍ୟୋଗୀ କର୍ମଶାଳା



**ବଣାଇଁ, ୨୧।୧(ସମିସ):** ବଣାଇଁସ୍ଥିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଆଇଟିଡିଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ମିଶନ ଜରିଆରେ ବଣାଇଁ ଉପଖଣ୍ଡର ୪ ବ୍ଲକରେ ବାସ କରୁଥିବା ଆଦିବାସୀ ଯୁବକ ଯୁବତୀଙ୍କୁ ନେଇ ଲଘୁ ଉଦ୍ୟୋଗ ସ୍ଥାପନ ଓ ପରିଚାଳନା ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇଁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଉପସ୍ଥିତ ଯୁବକ ଯୁବତୀଙ୍କୁ ଉଦ୍ୟୋଗ ସ୍ଥାପନର ଲକ୍ଷ୍ୟ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଜନଜାତି ଜୀବିକା ମିଶନ ଜରିଆରେ ଉଦ୍ୟାନ କୃଷି, ପଶୁପାଳନ, ଲଘୁ ଉଦ୍ୟୋଗର ବିକାଶ କରି ନୂଆ ନିଯୁକ୍ତି ସୃଷ୍ଟି କରିବା ଉପରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରକଳ୍ପ ପରିଚାଳକ ମିନକେତନ ନାଏକ ବଣାଇଁ ଆଇଟିଡିଏ ଅଧୀନରେ ୪ ବ୍ଲକର ୯୬ ଜଣ ଯୁବ ଉଦ୍ୟୋଗୀଙ୍କୁ ନେଇ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ସୂଚନା ଦେଇଥିଲେ। ବିଷୟବସ୍ତୁ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ମନ୍ତ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୃଷି ବିଶେଷଜ୍ଞ କିରଣ କୁମାର ଦାଶଙ୍କ ସମେତ ସମସ୍ତ ବ୍ଲକର ଜୀବିକା ବିଶେଷଜ୍ଞ ଉପସ୍ଥିତ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ଆଲୋଚନାଚକ୍ର



**ଲହୁଣୀପଡ଼ା, ୨୧।୧(ସମିସ):** କାଳିଆବିହାର ଶିହିଡିଆ ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ପାଇଁ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଗତ ୧୮ ତାରିଖ ଉଦଘାଟନ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଓଡ଼ିଆ କବିତା ଆବୃତ୍ତି, ଭଜନ ଗାନ, ବକ୍ତୃତା, ହସ୍ତାକ୍ଷର ଲିଖନ, ପ୍ରବନ୍ଧ ଲିଖନ, ବିତର୍କ, ଲୋକ ନୃତ୍ୟ, କୁଇଜ ଏବଂ ଓଡ଼ିଆ ଭାଷା ସାହିତ୍ୟ ଆଲୋଚନା ଉପରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ହେଉଛି। ଅଧ୍ୟାପକ ଅଜୟ କୁମାର ଦାସ, ପ୍ରତାପ ମାହାନ୍ତ, ସୁଜିତ କୁମାର ମେଲ୍ଲି, ନିରଞ୍ଜନ ଗଡ଼ନାୟକ, ପ୍ରଶାନ୍ତ କୁମାର ଚଇନି, ସରୋଜ କୁମାର ମହାପାତ୍ର, ବେଣୁଧର ମାଝୀ, ଅଧ୍ୟାପିକା ମିନତି ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଛି।

## ସୃଜନୀ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

**ରାଉରକେଲା, ୨୧।୧(ସମିସ):** ତରାକେରା ଶିବ ମନ୍ଦିରଠାରେ ସୃଜନୀ ସାହିତ୍ୟ ସଂସଦର ଆଲୋଚନାଚକ୍ର ଏବଂ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ସଚ୍ଚିନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ରବି ଦେହୁରୀ ଏବଂ ପର୍ଯ୍ୟବେକ୍ଷକ ଅତିଥି ସମାଜସେବୀ ବିଚିତ୍ରାନନ୍ଦ ସାହୁ, ସୁଧାଂଶୁ ଅଶୋକ, କବି ଭୋଲେଶ୍ୱର ବେହେରା, ପ୍ରକାଶ ସେଠୀ, ଶ୍ୱେତ କୁମାର ବେହେରା ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ହରିହର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ, ଧର୍ମ, ସଂସ୍କୃତି ତଥା ସେବାର ବାର୍ତ୍ତା ବହନ କରିବା ସହ ସାମାଜିକ ଚେତନା ମଣିଷ ମନରେ ସୃଷ୍ଟି କରି ସୃଜନୀ ସାହିତ୍ୟ ସଂସଦ ଆଜି ୩୮ ବର୍ଷର ପଦାର୍ପଣ କରି ରାଉରକେଲା ସହରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ବକ୍ତାମାନେ କହିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ କବି ପ୍ରକାଶ ସେଠୀ, ଶ୍ୱେତ କୁମାର ବେହେରାଙ୍କ ସଂଯୋଜନା କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି କୁଞ୍ଜବିହାରୀ ଦାସ, ନମିତା ବେହେରା, ଅଭିମନ୍ୟୁ ବେହେରା, ଭାଗୀରଥି ଦାସ, କୁଞ୍ଜବିହାରୀ ରାଉତ, ଶରତଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ନନ୍ଦ, ଇପ୍ସିତା ସାହୁ, ମୀରା ମଲ୍ଲିକ, ଆଦିତ୍ୟ କୁମାର ଷଡ଼ଙ୍ଗୀ କବିତା ପାଠ କରିଥିଲେ। ଆଲୋଚନାରେ ବେଣୁଧର ମଲ୍ଲ, ଅକ୍ଷୟ କୁମାର ବେହେରା, ରାଜକିଶୋର ଜେନା, ମୋତିଲାଲ ଗିରି, ବ୍ରଜକିଶୋର ରାଉତ, ନାଗମଣି ମହାନ୍ତି, ତ୍ରିଲୋଚନ ସ୍ୱାଇଁ, ଅନ୍ନପୂର୍ଣ୍ଣା ଦାସ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସୁନୀଲ ସାମଲ, ଧ୍ରୁବଚରଣ ବିଶ୍ୱାଳ, ରବୀନ୍ଦ୍ର କୁମାର ବିଶ୍ୱାଳ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଭୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।




### ● ଜିଲ୍ଲାସ୍ତରୀୟ ନୂଆ-ଓ ଖୋ ଖୋ ପ୍ରତିଯୋଗିତା

## କୁଆଁରମୁଣ୍ଡା ବ୍ଲକ ଚାମ୍ପିଅନ୍

### ● ବୀରମିତ୍ରପୁର ପୌର ପରିଷଦ ରନର୍ସଅପ୍

**ରାଉରକେଲା,୨୧।୧(ସମିସ):** ସୁନ୍ଦରଗଡ଼ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜିଲ୍ଲାସ୍ତରୀୟ ନୂଆ ଓ ଖୋ ଖୋ ପ୍ରତିଯୋଗିତାରେ କୁଆଁରମୁଣ୍ଡା ବ୍ଲକ ଉତ୍ତମ ପ୍ରଦର୍ଶନ କରିଛି। କୁଆଁରମୁଣ୍ଡା ବ୍ଲକ ମହିଳା ଦଳ ଚାମ୍ପିଅନ୍ ଓ ବୀରମିତ୍ରପୁର ମ୍ୟୁନିସିପାଲିଟି ମହିଳା ଦଳ ରନର୍ସଅପ୍ ହୋଇଛି। ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲ୍ଲା ୧୭ ବ୍ଲକ ଓ ୩ ମ୍ୟୁନିସିପାଲିଟି ଓ ଆରଏମସି ଦଳ ଅଂଶ ଗ୍ରହଣ କରିଥିଲେ। କୁଆଁରମୁଣ୍ଡା ବ୍ଲକ ଦଳରେ ମଞ୍ଜୁ ଖାଖା, ସଞ୍ଜୁ ଖାଖା, ରେଶ୍ମା ମିଞ୍ଜ, ଅଞ୍ଜଳି ଖାଖା, ରଶ୍ମିତା କାଣ୍ଡୁଲାନା, ସସ୍ମିତା ଓଷଗା, ମନୀଷା ଏକ୍କା, ମନୀଷା ହରୋ, ମୁସ୍କାନ ଲାକ୍ରା, ସସ୍ମିତା ଲାକ୍ରା, ନିକିତା ତୃପ୍ତି କୁଲୁ, ବର୍ଷା ଏକ୍କା, ସୋନିଆ ନାୟକ ସାମିଲ ଥିଲେ।



ସେହିପରି ବୀରମିତ୍ରପୁର ଦଳରେ ସଖିନା ବାର୍ଲା, ନିବେଦିତା ଯୋଯୋ, ରିତୁ ମିଞ୍ଜ, ନାଇନା ବାଘ, ଦୀପିକା ଲୁଗୁନ, ଅଞ୍ଜୁ ଯୋଯୋ, ଜିଜ୍ଞାସା ଦାସ, ପରମେଶ୍ୱରୀ ନାଗ, ଅଞ୍ଜଳି ଗଡ଼ିର୍ଆ, ସୁଚ୍ୟୋ କିଣ୍ଡୋ, ପୁଷ୍ପା ମୁର୍ମୁ, ପ୍ରେମିତା ଏକ୍କା ଭାଗ ନେଇଥିଲେ। ରାଜ୍ୟସ୍ତରୀୟ ରେଫରୀ ତଥା ଖୋ ଖୋ ପ୍ରଶିକ୍ଷକ ଅନିଲ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଦଳର ଖେଳାଳି କ୍ରୀଡ଼ା ଅଭ୍ୟାସ କରୁଥିଲେ। କୁଆଁରମୁଣ୍ଡା ବ୍ଲକର ଦୁଇଟି ଦଳ ଚାମ୍ପିଅନ ଓ ରନର୍ସ ଅପ୍ ଟ୍ରଫି ହାସଲ କରିଥିବାରୁ କୋଚ ଗୌରବ ଅନୁଭବ କରିଛନ୍ତି। ବିଡିଓ ଗଙ୍ଗୁରାମ ବଡ଼ାଇକ, ବୀରମିତ୍ରପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସମ୍ବିତ ଦାସ, ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷ ନିବେଦିତା ବାଘ, ବ୍ଲକ ଅଧ୍ୟକ୍ଷ ଜ୍ୟୋତି କେରକେଟା, ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁକୁର, ଖେଳ ଶିକ୍ଷକ ବିପ୍ରଚରଣ ମହାପାତ୍ର, ଷଷ୍ଠୀ ନାୟକ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## 'ଆସ ଆମେ ବସ୍ତିକୁ ଯିବା' ଅଭିଯାନ



**ରାଉରକେଲା, ୨୧।୧(ସମିସ):** ପ୍ରତ୍ୟେକ ରବିବାର 'ଆସ ଆମେ ବସ୍ତିକୁ ଯିବା' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଜି ସେକ୍ଟର-୩ ବଲାଙ୍ଗୀର ବସ୍ତିରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ସମାଜସେବୀ ପ୍ରଶାନ୍ତ ସେଠୀ ତାଙ୍କ ସହଯୋଗୀଙ୍କ ସହ ବଲାଙ୍ଗୀର ବସ୍ତି ଅଞ୍ଚଳରେ ପହଞ୍ଚି ପ୍ରତ୍ୟେକ ଘର ପରିଦର୍ଶନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଏବଂ ସହାୟତା ଉଚିତ ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁଛି କି ନାହିଁ ସେ ବାବଦରେ ପଚାରି ବୁଝିଥିଲେ। ବସ୍ତିରେ ବିପର୍ଯ୍ୟସ୍ତ ରାସ୍ତାଘାଟ ଉପରେ ସେଠୀ ଉଦବେଗ ପ୍ରକାଶ କରିଥିଲେ। ବସ୍ତିରେ ଛୋଟ ଛୋଟ ଗଳି ମାଟି ରାସ୍ତା ଥିବା ବେଳେ କଂକ୍ରିଟ ରାସ୍ତା ଏବଂ ଡ୍ରେନ ନ ଥିବାରୁ ବର୍ଷାଦିନରେ ଲୋକେ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ଏହି ସମସ୍ୟା ସମ୍ପର୍କରେ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଇ ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଗଣପତି ଦୀପ, ଜିତେନ୍ଦ୍ର ମହାରଣା, ଶିବ ବେବର୍ତ୍ତା, କାହ୍ନୁ ନନ୍ଦ, ଜୁଲି ସାଗର, ଅନ୍ନପୂର୍ଣ୍ଣା କୁମ୍ଭାର, ମହେଶ ନାଗ, ଶାନ୍ତନୁ ଦାସ, ସରୋଜ ନାୟକ, ବିଶ୍ୱରଞ୍ଜନ ରାଉତ, ସୁବାସ କଂସାରୀ ଏବଂ ଅନ୍ୟ ଯୁବବନ୍ଧୁମାନେ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ




**ବଣାଇଁ, ୨୧।୧(ସମିସ):** ବଣାଇଁ ବ୍ଲକ ଶିହିଡିହାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଡିଟୋରିୟମରେ ବିଦ୍ୟାଳୟ ଅଧ୍ୟକ୍ଷ ଅସୀମ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। ଏଥିରେ ମୋଟ ୧୩୪ ଛାତ୍ରୀ ଭାଗ ନେଇଥିଲେ। ତାଲିମଦାତ୍ରୀ ଭାବେ ଯାଜ୍ଞସେନୀ ରାଉତ ଏବଂ କାଜଲ ରାଉତ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ବନ୍ଧରେ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ବେହେରା ପ୍ରକାଶ କରିଛନ୍ତି। ଏଥିରେ ଅଧ୍ୟାପକ ଅଜୟ କୁମାର ଦାସ, ସୁଜିତ କୁମାର ମେଲ୍ଲି, ସରୋଜ କୁମାର ମହାପାତ୍ର, ଖେଳ ଶିକ୍ଷକ ବେଣୁଧର ମାଝୀ, ଡେମନଷ୍ଟ୍ରେଟର ସାବନ କୁମାର ପ୍ରଧାନ, ଅଧ୍ୟାପିକା ମୀନତି ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଅଣ ଗେଜେଟେଡ୍ ବନ କର୍ମଚାରୀ ସଙ୍ଘର ସାଧାରଣ ଅଧିବେଶନ

ବଣାଇଁ, ୨୧।୧(ସମିସ)




ବଣାଇଁ ଜୋନ ଅଣ ଗେଜେଟେଡ ବନ କର୍ମଚାରୀ ସଙ୍ଘର ସାଧାରଣ ଅଧିବେଶନ ରବିବାର ସ୍ଥାନୀୟ ବ୍ରାହ୍ମଣୀ ନର୍ସରୀ ବନ ବିଶ୍ରାମ ଗୃହରେ ଅନୁଷ୍ଠିତ ହୋଇଛି। ବଣାଇଁ ଜୋନ ସଭାପତି ସଦାଶିବ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଡେପୁଟି ରେଞ୍ଜର ଗୋବିନ୍ଦଚନ୍ଦ୍ର ସାହୁ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ରେଞ୍ଜ ଅଧିକାରୀ ମନୋଜ କୁମାର ପାତ୍ର, ଦେବାଶିଷ ନାଏକ, ଜର୍ଡା ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର କିସାନ, ତାମଡ଼ା ରେଞ୍ଜ ଅଧିକାରୀ ରଞ୍ଜନ କୁମାର ପାଣି, କୁଳିପୋଷ ରେଞ୍ଜ ଅଧିକାରୀ ଧରଣୀଧର ସାହୁ ଯୋଗଦେଇଥିଲେ। ସାଗର ସଙ୍ଗମ କଳାପରିଷଦ ପ୍ରତିଷ୍ଠାତା ପର୍ଶୁରାମ ବାରିକଙ୍କ ନିର୍ଦ୍ଦେଶନାରେ କୁନି କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘ ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ବଣାଇଁ ସଂଘ ସମ୍ପାଦକ ଗଗନ କୁମାର ତ୍ରିପାଠୀ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ପାତ୍ର କର୍ମଚାରୀଙ୍କ ମୌଳିକ ଅଧିକାର, ଜଙ୍ଗଲ ସୁରକ୍ଷା, ବର୍ତ୍ତମାନର ବ୍ୟବସ୍ଥା ଉପରେ ସମସ୍ତ ସୁବିଧା ଅସୁବିଧା ଓ ବିଭିନ୍ନ ଦାବିକୁ ଉପରିସ୍ଥ ଅଧିକାରୀ ତଥା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଜଙ୍ଗଲ ରକ୍ଷଣାବେକ୍ଷଣା କରିବାରେ ସଂଘ କର୍ମଚାରୀଙ୍କ ଶୃଙ୍ଖଳା ଓ ନିଦର୍ଶନ ଉପରେ ଆଲୋକପାତ କରିଥିଲେ। ବଣାଇଁ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟଙ୍କ ସହମତି କ୍ରମେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ତାପସ କୁମାର ଶତପଥୀ, ସମ୍ପାଦକ ଭାବେ ଗଗନ ତ୍ରିପାଠୀ, ଉପସଭାପତି ଜଗନ୍ନାଥ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବନପାଳ ଜ୍ଞାନରଞ୍ଜନ ମହାନ୍ତି, ପ୍ରତାପ କୁମାର ସାହୁ, ପ୍ରଦୀପ କୁମାର ଭୋଇ, ଚୈତନ୍ୟ ଭୂମିଜଙ୍କ ସମେତ ବଣାଇଁ ବନଖଣ୍ଡର ୭ ରେଞ୍ଜର ସମସ୍ତ ବନପାଳ ଓ ବନରକ୍ଷୀ ଉପସ୍ଥିତ ଥିଲେ। ଧରଣୀଧରପାଘି ବନପାଳ ତାପସ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଶାନ୍ତି କମିଟି ବୈଠକ

**ରାଜଗାଙ୍ଗପୁର,୨୧।୧(ସମିସ):** ଅଯୋଧ୍ୟାଠାରେ ସୋମବାର ପ୍ରଭୁ ରାମଲଲାଙ୍କ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ପ୍ରଶାସନ ପକ୍ଷରୁ ରାଜଗାଙ୍ଗପୁର ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବ ପାଳନ ସମୟରେ ରାଜଗାଙ୍ଗପୁର ସହରରେ କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେ ବିଷୟରେ ବିଭିନ୍ନ ଲୋକଙ୍କ ସହ ସେ ଆଲୋଚନା କରିଥିଲେ। ସରକାରଙ୍କ ଅନୁଶାସନକୁ ପାଳନ କରି ସରକାରୀ ସ୍ଥାନରେ ପୋଷ୍ଟର କି ପତାକା ନ ଲଗାଇବା, ଡାକବାଜି ଯନ୍ତ୍ରରେ ପ୍ରଚାର ନ କରିବା, ବିନା ଅନୁମତିରେ ଶୋଭାଯାତ୍ରା ବାହାର ନ କରିବା ଆଦି ଉପରେ କଟକଣା ରହିଥିବା ଏସ୍‌ଡିପିଓ ପାଣିଗ୍ରାହୀ ସୂଚନା ଦେଇଥିଲେ। ଏତଦବ୍ୟତୀତ ସୋସିଆଲ ମିଡିଆରେ କୌଣସି ପ୍ରକର ଅପ୍ରୀତିକର ତଥା ଉତ୍ତେଜନା ସୃଷ୍ଟିକାରୀ ପୋଷ୍ଟ ନ କରିବାକୁ ସେ ଚେତାବନୀ ଦେଇଥିଲେ। ବୈଠକରେ ସ୍ଥାନୀୟ ତହସିଲଦାର ଗୋପବନ୍ଧୁ ମଲ୍ଲିକ ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ କରିବାକୁ ଅନୁରୋଧ କରିଥିଲେ। ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ବୈଠକ ପରିଚାଳନା କରି ଶାନ୍ତି କମିଟିର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ରାଜଗାଙ୍ଗପୁର ପୌରପାଳିକା ଉପାଧ୍ୟକ୍ଷ ଏମଡି ଇର୍ଫାନ୍ ପୌରପାଳିକା ପକ୍ଷରୁ ଜଳଯୋଗାଣ, ଆଲୋକ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତି କମିଟି ସଦସ୍ୟଙ୍କ ମଧ୍ୟରୁ ପୂର୍ବତନ ଉପନଗରପାଳ ଇଫିତକାର ଅହମ୍ମଦ, ପୂର୍ବତନ ବିଜେପି ନଗର ଅଧ୍ୟକ୍ଷ ଶଙ୍କର ସିଂ, ପୂର୍ବତନ ବିଜେଡି ଟାଉନ ସଭାପତି ଅମରେଶ ପଣ୍ଡା, ବଜରଙ୍ଗ ଦଳର ରାକେଶ ଶର୍ମା, ହିନ୍ଦୁ ପରିଷଦ ସଦସ୍ୟ କମଳ ଅଗ୍ରୱାଲ, ବିଜେପି ମଣ୍ଡଳ ସଭାପତି ରାଜନ ସୋନି, ଜିଲ୍ଲା ସ୍ୱଚ୍ଛ ଭାରତ ଉପ ସଂଯୋଜକ, ସୁରେଶ ଚନ୍ଦ୍ର ପୁରୋହିତ, ପୌର ପରିଷଦ କାଉନସିଲର ବୁଦ୍ଧ ନାରାୟଣ ସାହୁଙ୍କ ସହ ବହୁ ଗଣମାଧ୍ୟମ ପ୍ରତିନିଧି ଓ ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ଥିଲେ।



## ହାଇକୋର୍ଟ ନିର୍ଦ୍ଦେଶ ପରେ ବି ଜିପିଏଲ୍ଏଫ୍ ବିବାଦର ସମାଧାନ ହୋଇନି

# ନୂତନ ସଭାନେତ୍ରୀ ଚୟନ ପାଇଁ ପତ୍ର ଲେଖିଲେ ବିପିଏମ୍

ସୁନ୍ଦରଗଡ଼, ୨୧।୧(ସମିସ)



ସନ୍ତୋଷୀ ବାଗ



ସୁକାନ୍ତି ଭିତ୍ରିଆ

ଲେଫ୍ରିପଡ଼ା ବ୍ଲକ ବଡ଼ବଙ୍ଗା ଜିପିଏଲଏଫ୍ ସଭାନେତ୍ରୀ ପଦକୁ ନେଇ ଦୀର୍ଘଦିନରୁ ଲାଗି ରହିଥିବା ବିବାଦ ଥମୁନାହିଁ। ଜିପିଏଲଏଫ୍ ସଭାନେତ୍ରୀ ସୁକାନ୍ତି ଭିତ୍ରିଆଙ୍କୁ ପଦରୁ ହଟାଇବାକୁ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବାରୁ ଲେଫ୍ରିପଡ଼ା ବିଡିଓଙ୍କ ପରେ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ନୂତନ ସଭାପତି ଚୟନ ପାଇଁ ଜିପିଏଲଏଫ୍ ସମ୍ପାଦିକାଙ୍କୁ ପତ୍ର ଲେଖିଛନ୍ତି। ଫଳରେ ନୂତନ ସଭାନେତ୍ରୀ ଚୟନକୁ ନେଇ ତତ୍ପରତା ପ୍ରକାଶ ପାଇଛି।

ନିୟମ ଅନୁଯାୟୀ ଜିପିଏଲଏଫ ସଭାନେତ୍ରୀଙ୍କ କାର୍ଯ୍ୟକାଳ ୨ ବର୍ଷ ରହିଛି। ତେବେ ୨୦୧୮ରେ ସଭାନେତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ସୁକାନ୍ତି ଭିତ୍ରିଆ ତାଙ୍କ ପଦ ଛାଡୁନାହାନ୍ତି। ଏଣୁ ଏହି ଜିପିଏଲଏଫ୍ ଅଧୀନ ବୁଦେଲକାନୀ ସରସ୍ୱତୀ ଏସଏଚଜିର ସଭାନେତ୍ରୀ ସନ୍ତୋଷୀ ବାଗ ଏହା ବିରୋଧରେ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏହାର ବିଚାର କରାଯାଇ ସଭାନେତ୍ରୀ ସୁକାନ୍ତିଙ୍କୁ ପଦରୁ ଅନ୍ତର କରିବାକୁ ଗତବର୍ଷ ଅଗଷ୍ଟରେ ନିର୍ଦ୍ଦେଶ ଦେଇଥିଲେ। ପରେ ଲେଫ୍ରିପଡ଼ା ବିଡିଓ ଉଚ୍ଚ ନ୍ୟାୟାଳୟର ଉକ୍ତ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେପ୍ଟେମ୍ବର ୮ରେ ଜିପିଏଲଏଫକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଉକ୍ତ ନିର୍ଦ୍ଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଥର ପାଇଁ ବିପିଏମ ପତ୍ର ଲେଖିଛନ୍ତି। ସୂଚନାଯୋଗ୍ୟ, ସୁକାନ୍ତିଙ୍କ କାର୍ଯ୍ୟକାଳ ଶେଷ ହେବାର ତିନି ବର୍ଷ ପରେ ଲେଫ୍ରିପଡ଼ା ବିଡିଓ ତାଙ୍କ ପତ୍ର ସଂଖ୍ୟା ୧୧୩୯ ତା ୧୬.୫.୨୦୨୩ରେ ନୂତନ ସଭାପତି, ସମ୍ପାଦିକା ଚୟନ କରିବା ପାଇଁ ପତ୍ର ଲେଖିଥିଲେ। ଏଣୁ ଗତବର୍ଷ ମେ ୨୪ ତାରିଖ ବିପିଏମଙ୍କ ଉପସ୍ଥିତିରେ ଆୟୋଜିତ ଜିପିଏଲଏଫ ବୈଠକରେ ସରସ୍ୱତୀ ଏସଏଚଜିର ସଭାନେତ୍ରୀ ସନ୍ତୋଷୀଙ୍କୁ ସର୍ବସମ୍ମତି କ୍ରମେ ନୂତନ ସଭାନେତ୍ରୀ ଭାବେ ଚୟନ କରାଯାଇଥିଲା। ତଥାପି ସୁକାନ୍ତି ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ସନ୍ତୋଷୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ବି ବିବାଦର ସମାଧାନ ହୋଇପାରି ନ ଥିବାବେଳେ ସୁକାନ୍ତି ଏବଂ ସନ୍ତୋଷୀଙ୍କ ସମର୍ଥକ ସଭ୍ୟାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟଫଳକର ଉଦ୍‌ଘାଟନ




**ହେମଗିରି, ୨୧।୧(ସମିସ):** ପୂର୍ବତନ ସାଂସଦ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ରବିବାର ହେମଗିରି ବ୍ଲକ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ବୁଲିବା ସହ ଲୋକଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଏହି ଅବସରରେ ଉଭୟ ନେତା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗର୍ଜନହାଲ ଭୈସାଲପଡ଼ାଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରତ ତିନି ଗ୍ରାମବାସୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କୁଅରକେଲାଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥି ରୂପେ ଯୋଗଦେଇ ଆୟୋଜକ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟଫଳକ ଉଦ୍‌ଘାଟନ କରିଥିଲେ। ସେହିପରି ଗର୍ଜନଜୋରଠାରେ ଦୁଇ ପ୍ରକଳ୍ପର ଫଳକ ଉଦାଘାଟନ କରିଥିଲେ। ଏହି ଅବସରରେ ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି, ଯୁବ ସଭାପତି କଳାକାହ୍ନୁ ମେହେର, ଜିଲ୍ଲା ପରିଷଦ ସଭ୍ୟ ମହିମା ସେଠ, ନବାଗତ ସଦସ୍ୟ ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁତ୍ରା, ୨୧।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ କୁତ୍ରା ବିଇଓ ଶରତ କୁମାର ପତି, ଏବିଇଓ ଲକ୍ଷ୍ମଣ ଜାମୁଦା, ରାଜଗାଙ୍ଗପୁର ବିଇଓ ଶାନ୍ତିମୁନି ସୁରେଖା ହାରୋ, ଜେଏସଡବ୍ଲ୍ୟୁ ସିଏସଆର ଅଲେଖ କୁମାର ଦଳେଇ, ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାଏକ ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପୁତୁରା ପ୍ରତାପ କୁମାର ଦାନୀ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ କାକ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁନିତା ସରୋନିଆ ଏବଂ ସହକାରୀ ଶିକ୍ଷକ ମୀନତି ଦାସ, ଜୁଦିତ କୁମାର ଆଇନ୍ଦ, ନିଲମ ଖାଲଖୋ, ଅମିତ ଲାକ୍ରା, ଅଙ୍କିତା ବା, ଛାୟାବତୀ ନାଏକ, ରେବତୀ କାକ, ପୂର୍ଣ୍ଣଚନ୍ଦ୍ର ସିଂ, ଅନନ୍ତ ବରିହା ଏବଂ ସୁରେଶ ଚନ୍ଦ୍ର ଅଡ଼ାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସରୋନିଆ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସରକାରୀ ଜାଗାରୁ ହଟୁନି ଦଳୀୟ ଶୁଭେଚ୍ଛା ବ୍ୟାନର




**ହେମଗିରି, ୨୧।୧(ସମିସ):** ଆଜିକୁ ୨୧ ଦିନ ବିତିଯାଇଥିଲେ ସୁଦ୍ଧା ସରକାରୀ ଜାଗାରୁ ହଟିନାହିଁ ଦଳୀୟ ଶୁଭେଚ୍ଛା ବ୍ୟାନର। ନୂତନ ଭାବେ କଂଗ୍ରେସରେ ଯୋଗଦେଇଥିବା ସୁଧାରାଣୀ ରାଉଡ଼ିଆଙ୍କ ନବବର୍ଷ ଶୁଭେଚ୍ଛା ବ୍ୟାନରକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପଞ୍ଚାୟତ ଅଧୀନସ୍ଥ ଏଜୁକେସନ୍ ହଲ୍ ବାଡ଼ରେ ଲାଗିଥିବା ଦଳୀୟ ଶୁଭେଚ୍ଛା ବ୍ୟାନର ଉପରେ କେବେ ପ୍ରଶାସନର ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକିରହିଲା।

### ■ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ

# କ୍ଷୁଦ୍ର ନାଟକ ଓ ନାଚଗୀତରେ ଝୁମିଲେ ଛାତ୍ରଛାତ୍ରୀ




**ହେମଗିରି, ୨୧।୧(ସମିସ):** ହେମଗିରି ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରଛାତ୍ରୀ ସମେତ ଅଭିଭାବକଙ୍କ ଜ୍ଞାନ ତଥା ଦକ୍ଷତା ବୃଦ୍ଧିପାଇଁ ଚଳିତବର୍ଷ ଆୟୋଜିତ ହୋଇଥିଲା ବଣଭୋଜି ସାଙ୍ଗକୁ ବାର୍ଷିକୋତ୍ସବ। ଦିନତମାମ ଚାଲିଥିଲା ନୃତ୍ୟଗୀତ ଏବଂ ପ୍ରତିଯୋଗିତା। ମୁଖ୍ୟଅତିଥି ରୂପେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ମୁଖ୍ୟବକ୍ତା ଭାବେ ବିଡିଓ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ଭାବେ ଡ. ଶକ୍ତିପ୍ରସାଦ ନାଥ, ଜିଲ୍ଲା ପରିଷଦ ସଭ୍ୟ ମହିମା ସେଠ, ସମିତି ସଭ୍ୟା ମାନସୀ ଦର୍ଜି ପ୍ରମୁଖ ମଞ୍ଚାସୀନ ଥିଲେ। ହେମଗିରି ବିଇଓ କରୁଣାସାଗର ପଟେଲ ଫିତାକାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

୨୦୦୩ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ୨୧ବର୍ଷରେ ପଦାର୍ପଣ କରିଛି। ସଭାପତି ସୁକାନ୍ତ ପତି, ସମ୍ପାଦକ କାଶୀନାଥ ରାଉତ ତଥା ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ପ୍ରଚେଷ୍ଟାରେ ଏବେ ୧୧୦ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଷ୍ଠା ଲାଭକରିଛି। ଚଳିତ ବର୍ଷ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇ ବିଦ୍ୟାଳୟରେ ପ୍ଲେ ସ୍କୁଲ ଆରମ୍ଭ କରାଯାଇଛି। ଚଳିତ ବର୍ଷ ବରଗଡ଼ ସୁରଭି ଆର୍ଟ ଅଫ ସ୍କୁଲରେ ସୁନ୍ଦରଗଡ଼ ଜିଲ୍ଲାରେ ଏକମାତ୍ର ଏହି ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଉତ୍କୃଷ୍ଟ ଗୁଣବତ୍ତାପୂର୍ଣ୍ଣ କଳା ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲା।

ପୂବତନ ବିଧାୟକ ସିଂ ବିଦ୍ୟାଳୟର ଏପରି ଗୁଣବତ୍ତା ଓ ଉନ୍ନତି ପାଇଁ ସାଧୁବାଦ ଜଣାଇବା ସହ ପ୍ଲେ ସ୍କୁଲ ପାଇଁ ଖେଳଣା ସାମଗ୍ରୀ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେହିପରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶକ୍ତିପ୍ରସାଦ ନାଥ ଅଫିସ୍ କାର୍ଯ୍ୟ ସମ୍ପାଦନ ପାଇଁ ଏକ ପ୍ରିଣ୍ଟର ପ୍ରଦାନ କରିଛନ୍ତି।

# ବିଭିନ୍ନ କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ସୁନ୍ଦରଗଡ଼, ୨୧।୧(ସମିସ):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କଲେଜ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ କଲେଜରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

## ସୁନ୍ଦରଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ





ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏହାକୁ ଉଦଘାଟନ କରି ଛାତ୍ରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଧାନାଥ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ସୁଶାନ୍ତ ଲାକ୍ରା ଶିବିରର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ପ୍ରଜ୍ଞାପରମିତା ଦାସ ସଭା ପରିଚାଳନା କରିଥିବା ବେଳେ ସେକ୍ସନ ଅଫିସର ପ୍ରଦୀପ ବହିଦାର, ଅତିଥି ଅଧ୍ୟାପିକା ଝରଣାରାଣୀ ନାଏକ, ସୌଦାମିନୀ ଭୈଷାଲ, ଅଧ୍ୟାପକ ଅମ୍ରିତ୍ କେରକେଟା, ଦେବେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ମୋଟ ୨୭୫ ଛାତ୍ରୀଙ୍କୁ ୮ ଟି ଗ୍ରୁପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।

## ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଯୋଗଦେଇ ସରକାରଙ୍କ ଏହି ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଛାତ୍ରୀମାନଙ୍କ ଶାରୀରିକ ତଥା ମାନସିକ ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ। ପ୍ରଶିକ୍ଷିକା କରିସ୍ମା ସା ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ବର୍ଷ କଳା ଶ୍ରେଣୀର ୪୩ ଛାତ୍ରୀ ଯୋଗଦେଇଛନ୍ତି। ସଂଯୋଜିକା ଅଧ୍ୟାପିକା ଝରଣା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ମହର୍ଷି ଦୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ରଙ୍ଗିଆମୁଣ୍ଡାସ୍ଥିତ ମହର୍ଷି ଦୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ଦିବାକର ମହାପାତ୍ର ଉଦଘାଟନ କରି ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷ ଗୁଣମଣି ପଟେଲ ଏହି ତାଲିମର ଗୁରୁତ୍ୱ ଉପରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପୁଷ୍ପାଞ୍ଜଳି ନାଏକ ଉପସ୍ଥିତ ଥିଲେ। ଏଥିରେ ତାଲିମଦାତ୍ରୀ ଭାବେ ପ୍ରଭାସିନୀ ଗର୍ଡିଆ ଓ ମିତା ଧୁଆ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି।

## ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ ଆଲୋଚନା



**ସୁନ୍ଦରଗଡ଼, ୨୧।୧(ସମିସ):** କୁଣ୍ଡୁକେଲାସ୍ଥିତ ଭେଷଜ ରମ୍ଭାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ତଃରାଷ୍ଟ୍ରୀୟ ଜଗନ୍ନାଥ ଚେତନା ପରିଷଦ ସଭ୍ୟ କବି ଭିକାରୀଚରଣ ଚୌଧୁରୀ ମୁଖ୍ୟବକ୍ତା, ବିଶିଷ୍ଟ ସାହିତ୍ୟିକ ଗୋପକୃଷ୍ଣ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସୁଆର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ ଓ ବିଶ୍ୱ ଚେତନାରେ ଜଗନ୍ନାଥ ସଂସ୍କୃତିର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ନୋଡାଲ ଅଫିସର୍ ଅଧ୍ୟାପିକା ପ୍ରଣତି ବେହେରା ଏହାକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଆ ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଶ୍ରୀଜଗନ୍ନାଥ ଚେତନା ଉପରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ ଐତିହ୍ୟଭିତ୍ତିକ ଆକର୍ଷଣୀୟ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଶେଷରେ ଅଧ୍ୟାପକ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପ୍ରତିଭା ତନ୍ତୀ, ରଶ୍ମିରେଖା ସାହୁ, ଅରୁଣା ଭୋଇ, ଅଧ୍ୟାପକ ଜଳଧର ପାଣିଗ୍ରାହୀ, ଉମାଶଙ୍କର ଧର, ଶିବ ନାରାୟଣ ଦତ୍ତ, କିରଣ କୁମାର, ପ୍ରୀତମ ପଟେଲଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୂଆ-ଓ ଆନୁକୂଲ୍ୟରେ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା





**କୁତ୍ରା, ୨୧।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ସୁଆଦିଆ ଓଡ଼ିଆ ଖାଦ୍ୟ ପ୍ରସ୍ତୁତି କରି ଉଭୟ ଅଧ୍ୟାପକ-ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କ ମନ ଜିଣିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ।

# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ





## ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ

ସୁନ୍ଦରଗଡ଼, ୨୧।୧(ସମିସ)

ଆକାଂକ୍ଷା ପାଠ୍ୟକ୍ରମ ଅଧୀନରେ ପ୍ରତିଭାର ବିକାଶ ଓ ସୃଜନଶୀଳତାର ପ୍ରଦର୍ଶନ ଉଦ୍ଦେଶ୍ୟରେ ସ୍ଥାନୀୟ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ପଟେଲଙ୍କ ସଭାପତିତ୍ୱରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଉପ ନଗରପାଳ ଲଲାଟେନ୍ଦୁ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷା ଆମ ଜାତି ଓ ସଂସ୍କୃତିର ପରିଚୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସମସି ସଭାପତି ତାରାଚାନ୍ଦ ପଟେଲ, ସଦସ୍ୟ ଅଜିତ ପ୍ରସାଦ, ପଞ୍ଚା ବାର୍ଲା, ପୂର୍ବତନ ପ୍ରଧାନଶିକ୍ଷକ ଦିଲୀପ ପଟେଲ ଯୋଗଦେଇ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା 'ମୋ କଥା, ମୋ କାହାଣୀ' ଶୀର୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଚୀର ପତ୍ର, ହାତଲେଖା କବିତା, ବିଦ୍ୟାଳୟ ଲାଇବ୍ରେରୀ, କ୍ରୀଡ଼ାଙ୍ଗନ କ୍ଲବ ଆଦି ବୁଲି ଦେଖିଥିଲେ।

## ଭେଡ଼ାବାହାଲ ଉଚ୍ଚ ବିଦ୍ୟାଳୟ

ଭେଡ଼ାବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ବନମାଳୀ ସେଠଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ପଙ୍କଜିନୀ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ସହକାରୀ ଶିକ୍ଷକ ଆନନ୍ଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲୁ ଓ ଗ୍ରୀନ୍ ହାଉସ୍ ଏବଂ ସାହିତ୍ୟ ସୃଜନୀ କ୍ଲବକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କ୍ୟାପଟେନ ଅଭିମନ୍ୟୁ ସାହୁ ଓ ଶିଳା ପଟେଲ ମଧ୍ୟ ପୁରସ୍କୃତ ହୋଇଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ



**ରାଉରକେଲା, ୨୧।୧(ସମିସ):** ସରକାରୀ ସହର ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଦିନିକିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନାର ସମ୍ଭାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ରା ବିଇଓ ବେଣୁଧର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଏବିଇଓ ଶରତ ଚନ୍ଦ୍ର ସାହୁ, ସାହିତ୍ୟିକ ତଥା ବିଇଡି କଲେଜର ପ୍ରାକ୍ତନ ଅଧ୍ୟକ୍ଷା ଡ. କିଶୋରୀ ଦାଶ, ପୂର୍ବତନ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ଅମିତା କୁମାରୀ ଗଡ଼ନାୟକ, ସିଆରସିସି ଦୀପ୍ତିମୟୀ ପରିଡ଼ା, ଆଭା ଅନ୍ୱେଷାର ସଭାପତି ଆର୍ତ୍ତତ୍ରାଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ କୁମାର ବାଡ଼ତିୟା ମଞ୍ଚ ପରିଚାଳନା କରିଥିଲେ। ସ୍ୱାଟ୍ ଅନିମେସନ୍ ପ୍ରକଳ୍ପ, ଜିଜ୍ଞାସା ପ୍ରକଳ୍ପ, ସାହିତ୍ୟ ସୃଜନୀ ଓ କ୍ରୀଡ଼ାଙ୍ଗନା ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହାୟତାରେ ପରିବେଷଣ କରାଯାଇଥିଲା। ଯଶୋବନ୍ତି ସାହୁ ଧନ୍ୟବାଦ ଦେଇଥିଲେ।

## ଭେଡ଼ାବାହାଲ କଲେଜରେ ଆଲୋଚନାଚକ୍ର



**ସୁନ୍ଦରଗଡ଼, ୨୧।୧(ସମିସ):** ଭେଡ଼ାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଐତିହ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଭେଷଜ ପଟେଲ କଲେଜର ପୂର୍ବତନ ଅଧ୍ୟକ୍ଷ ସୁଶିଲ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁ ଓଡ଼ିଆ ସାହିତ୍ୟ ଓ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଶାନ୍ତ କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ରୀନା ନାଏକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଆଲୋକ କୁମାର ଦାସ ସଭା ପରିଚାଳନା କରିଥିବା ବେଳେ ଲିନା କୁମାରୀ ପଟେଲ ଧନ୍ୟବାଦ ଦେଇଥିଲେ।

## ସହିଦ୍ ଦିବସ ପାଳନ ପ୍ରସ୍ତୁତି

**ସୁନ୍ଦରଗଡ଼, ୨୧।୧(ସମିସ):** ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବଙ୍ଗାଠାରେ ୨୪ତମ ସହିଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବଡ଼ବଙ୍ଗା ସରପଞ୍ଚ ସନ୍ତୋଷ କୁମାର ସୁରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସନ୍ତା ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ସହିଦ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଏହାର ସୁପରିଚାଳନା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। ସୁରେଶଚନ୍ଦ୍ର ପଟେଲଙ୍କ ସମେତ ପଞ୍ଚାୟତର ସମସ୍ତ ଓାର୍ଡ ସଭ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ରାମମୟ ରାଉରକେଲା





**ରାଉରକେଲା, ୨୧।୧(ସମିସ)**

ଅଯୋଧ୍ୟାରେ ସୋମବାର ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଓ ଭବ୍ୟ ମନ୍ଦିର ଉଦଘାଟନ ସମାରୋହ ପାଇଁ ରାଉରକେଲା ସହର ରାମମୟ ହୋଇଛି। ବିଶେଷକରି ସହରରେ 'ରାମ ଆଏଙ୍ଗେ, ତୋ ଅଙ୍ଗନା ସଜାଉଙ୍ଗି...' ଭଜନ ପ୍ରକମ୍ପିତ ହେଉଥିବା ବେଳେ ଭଗବାନ ରାମଙ୍କ ଅନ୍ୟ ଲୋକପ୍ରିୟ ଭଜନ ମଧ୍ୟ ଶୁଣିବାକୁ ମିଳୁଛି।

ଏହାସହ କାର, ବାଇକ, ସ୍କୁଟି ସମେତ ଘରେ ଘରେ ଭଗବାନ ରାମଙ୍କ ପତାକା ଲାଗିଥିବା ଦେଖିବାକୁ ମିଳିଛି। ମୋବାଇଲ ଫୋନ୍‌ଠାରୁ ସୋସିଆଲ ମିଡିଆ ପର୍ଯ୍ୟନ୍ତ ହେଲୋ ହାଏ ଛାଡ଼ିଏ, ଜୟ ଶ୍ରୀରାମ ବୋଲିଏ ଟ୍ରେଣ୍ଡ ଆରମ୍ଭ ହୋଇଯାଇଛି। ଅପରପକ୍ଷେ ମୁଖ୍ୟ ରାସ୍ତା ତଥା ବିଶ୍ରା ଛକଠାରୁ ପାନପୋଷ ଛକ ଯାଏଁ ରାମଙ୍କ ପତାକା ବିକ୍ରି ଜୋରରେ ଚାଲିଛି। ବିଶେଷକରି ଡେଲି ମାର୍କେଟରେ ପତାକା କ୍ରୟ ପାଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ମୁଖ୍ୟ ରାସ୍ତାସାରା ରାମଙ୍କ ପତାକା ଲଗାଯାଇଥିବା ବେଳେ ରଙ୍ଗୀନ ଆଲୋକ ବ୍ୟବସ୍ଥା ମଧ୍ୟ କରାଯାଇଛି।

ପୂଜା ସାମଗ୍ରୀ ଦୋକାନ ସମେତ ମାଟି ଦୀପ, କଳସ ଏବଂ ହନୁମାନଙ୍କ ପତାକା ଦୋକାନରେ ଲୋକେ ଭିଡ଼ ଲଗାଇଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ପୂଜାପାଠ ସହ ଅନେକ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନେକ ମନ୍ଦିର ସମେତ ବହୁ



ସାମାଜିକ ସଂଗଠନ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ପୂଜାର୍ଚ୍ଚନା ସହ ସୁନ୍ଦରକାଣ୍ଡ ପାଠ, ହନୁମାନ ଚାଳିସା ପାଠ ଏବଂ ଭଜନକୀର୍ତ୍ତନ ଆୟୋଜନ କରାଯାଇଛି। ରେଳ ଷ୍ଟେସନ ନିକଟ ସଙ୍କଟ ମୋଚନ ମନ୍ଦିର, ବିର୍ସା ଡାହାରର ମନୋକାମନା ସିଦ୍ଧ ହନୁମାନ ମନ୍ଦିର, କାନପୁରସ୍ଥିତ ରାମ ମନ୍ଦିର ସମେତ ହନୁମାନ ବାଟିକା ପରିସରରେ ସବୁଠାରୁ ବଡ଼ ଦୀପ ପ୍ରଜ୍ୱଳନ କରାଯିବ ବୋଲି ଜଣାପଡ଼ିଛି। ମଙ୍ଗଳ ଭବନ ଛକଠାରୁ ବିଶ୍ରା ଡାହାର ରୋଡ ଛକ ପର୍ଯ୍ୟନ୍ତ ରାସ୍ତାକୁ ଯୁବ ବ୍ୟବସାୟୀ ସଂଘ ଦ୍ୱାରା ରଙ୍ଗୀନ ଆଲୋକ ଏବଂ ପତାକା ଦ୍ୱାରା ସଜ୍ଜିତ କରାଯାଇଛି। ପାନପୋଷସ୍ଥିତ ସହରର ସବୁଠୁ ପୁରୁଣା ରାମ ମନ୍ଦିରରେ ଦୁଇଦିନିଆ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଯାଇଛି। ମାନସ ପରିଷଦ ପକ୍ଷରୁ ଅଖଣ୍ଡ ରାମାୟଣ ପାଠ ଆରମ୍ଭ ହୋଇଥିବା କୁହାଯାଇଛି। ସୋମବାର ଏହା ଶେଷ ହେବା ପରେ ଉତ୍ସବ ପାଳନ କରାଯିବ। ସେହିପରି ପାନପୋଷ ଘାଟରେ ପ୍ରାୟ ୧୧ ହଜାର ଦୀପ ପ୍ରଜ୍ୱଳନ କରାଯିବ ବୋଲି ଜଣାପଡ଼ିଛି। ତ୍ରିଶକ୍ତି ଧାମରେ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀ ପକ୍ଷରୁ ୫୦୦୧ ଦୀପ ପ୍ରଜ୍ୱଳନ କରାଯିବା କାର୍ଯ୍ୟକ୍ରମ ରହିଥିବା ବେଳେ ସହରର ଅନ୍ୟ ମନ୍ଦିରଗୁଡ଼ିକରେ ମଧ୍ୟ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

## ପ୍ଲାଣ୍ଟ୍‌ସାଇଟ୍ ଥାନାରେ ଶାନ୍ତି କମିଟି ବୈଠକ

ସୋମବାର ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗାଁରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ଉତ୍ସବର ମାହୋଲ। ରାଉରକେଲା ପାନପୋଷ ଛକରୁ ବିର୍ସା ମୁଣ୍ଡା ଛକ ପର୍ଯ୍ୟନ୍ତ ମୁଖ୍ୟ ମାର୍ଗ ଆଲୋକ ମାଳାରେ ଝଲସୁଛି। ରାସ୍ତା ପାର୍ଶ୍ୱ ଗେରୁଆମୟ ହୋଇପଡ଼ିଛି। ରାମ ମନ୍ଦିର ପ୍ରତିଷ୍ଠା ପରିପ୍ରେକ୍ଷୀରେ ସହରରେ ଶାନ୍ତି ବଜାୟ ରଖିବା ପାଇଁ



ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଶନିବାର ପ୍ଲାଣ୍ଟସାଇଟ ଥାନାରେ ଏକ ଶାନ୍ତି କମିଟି ବୈଠକର ଅୟୋଜନ କରାଯାଇଥିଲା। ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଇଣ୍ଟିଗ୍ରେସନ ଫୋରମ ସଦସ୍ୟମାନେ ଯୋଗଦେଇ ସହରରେ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ। ପ୍ରଶାସନ ପକ୍ଷରୁ ନୂତନ ଆଇପିଏସ ଅଧିକାରୀ ସୋନାଲି ସିଂ ପରମାର, ଡିଏସପି ଅନୀଲ ପ୍ରଧାନ, ଡିଆଇବି ଡିଏସପି ରାମୁରାଇ ମୁର୍ମୁ, ପ୍ଲାଣ୍ଟସାଇଟ ଏବଂ ଉଦିତନଗର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବ ପାଳନ ସମୟରେ ରାଉରକେଲା ସହରରେ କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେ ବିଷୟରେ ବିଭିନ୍ନ କମିଟି କର୍ମକର୍ତ୍ତାଙ୍କ ସହ ପୁଲିସ ଅଧିକାରୀ ଆଲୋଚନା କରିଥିଲେ। ସରକାରୀ ସ୍ଥାନରେ ପୋଷ୍ଟର କି ପତାକା ନ ଲଗାଇବା, କୌଣସି ଡାକବାଜି ଯନ୍ତ୍ରରେ ପ୍ରଚାର ନ କରାଯିବା, ବିନା ଅନୁମତିରେ ଶୋଭାଯାତ୍ରା ବାହାର ନ କରିବା ଆଦି ଉପରେ କଟକଣା ରହିଥିବା, ସୋସିଆଲ ମିଡିଆରେ କୌଣସି ଅପ୍ରୀତିକର ଉତ୍ତେଜନା ସୃଷ୍ଟିକାରୀ ପୋଷ୍ଟ ନ କରିବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଭାଇଚାରା ଏବଂ ଶାନ୍ତିଶୃଙ୍ଖଳା ସହ ଏହି ଉତ୍ସବ ପାଳନ କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

### କୁଅରକେଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଟପରିଆ ଚାମ୍ପିଅନ, ପାଞ୍ଚପେଡ଼ି ରନର୍ସଅପ୍

**ହେମଗିରି, ୨୧।୧(ସମିସ):** ହେମଗିରି ବ୍ଲକ କୁଅରକେଲାଠାରେ ମା' ସମଲେଶ୍ୱରୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପାଞ୍ଚଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଟପରିଆ ଓ ପାଞ୍ଚପେଡ଼ି ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଟପରିଆ ଦଳ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦିଲୀପ ତିର୍କି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି, ଯୁବ ସଭାପତି କଳାକାହ୍ନୁ ମେହେର, ରେଞ୍ଜର ବାବୁ, ଗାର୍ଜନଯୋର ସରପଞ୍ଚ ସୁନନ୍ଦା କାଲୋ, ଅବସରପ୍ରାପ୍ତ ଶିକ୍ଷକ ଡିଲେଶ୍ୱର ପଟେଲ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଟପରିଆ ଦଳକୁ ଟ୍ରଫି ସହ ୨୨୦୦୦ ଟଙ୍କା ଓ ରନର୍ସଅପ୍ ପାଞ୍ଚପେଡ଼ି ଦଳକୁ ଟ୍ରଫି ସହ ୧୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।



## ସିଂହାସିନୀ ମନ୍ଦିରରୁ ମୁକୁଟ ଚୋରି

**ରାଉରକେଲା, ୨୧।୧(ସମିସ):** ଉଦିତନଗର ଥାନା ବିଏସଏନଏଲ ଅଫିସ ନିକଟ ସିଂହାସିନୀ ମନ୍ଦିରରୁ ମା'ଙ୍କ ମୁକୁଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟ କବାଟ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ପରେ ମୁକୁଟ ଚୋରି କରି ଫେରାର ହୋଇଯାଇଥିଲେ। ରବିବାର ସକାଳେ ମନ୍ଦିର କମିଟି ସଦସ୍ୟ ଘଟଣା ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଚୋରି ହୋଇଥିବା ମୁକୁଟର ଓଜନ ପ୍ରାୟ ୨୫୦ ଗ୍ରାମ ହେବ ବୋଲି ଅଭିଯୋଗ ହୋଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ସୁନ୍ଦରଗଡ଼, ୨୧।୧(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କେପସେ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ପବିତ୍ର ମାଝୀ (୩୪)। ପବିତ୍ରଙ୍କୁ ପରିବାର ଲୋକେ ରବିବାର ସୁନ୍ଦରଗଡ଼ ଜିଲ୍ଲା ଡାକ୍ତରଖାନାକୁ ମୃତ ଅବସ୍ଥାରେ ନେଇଥିଲେ। କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁରେ ସନ୍ଦେହ ପ୍ରକଟ କରି ଥାନାକୁ ଏମଏଲସି ପଠାଇଥିଲେ। ଏ ନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

- **ଲାଇଟର ବନ୍ଧୁକ ଧରି ସୋସିଆଲ ମିଡିଆରେ ପୋଷ୍ଟ ଘଟଣା**

## ଚେତାବନୀ ଦେଲା ପୁଲିସ

**ରାଉରକେଲା, ୨୧।୧(ସମିସ):** ଛେଣ୍ଡ ଥାନା ଅନ୍ତର୍ଗତ ବିମାନବନ୍ଦର ନିକଟରେ ବନ୍ଧୁକ ପରି ଦେଖାଯାଉଥିବା ଲାଇଟର ଧରି ସୋସିଆଲ ମିଡିଆରେ ସର୍ଟ ଭିଡିଓ ପୋଷ୍ଟ କରିବା ଘଟଣାରେ ପୁଲିସ ସମ୍ପୃକ୍ତ ଛାତ୍ର ସମେତ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିବା ଜଣାପଡ଼ିଛି। ଏହାସହ ଏଭଳି ଘଟଣା ଯେପରି ଆଗାମୀ ଦିନରେ ନ ଘଟେ ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛି ପୁଲିସ।ସୂଚନା ମୁତାବକ, କିଛିଦିନ ପୂର୍ବେ କେତେଜଣ ଛାତ୍ର ମିଶି ସ୍କୁଲ ୟୁନିଫର୍ମରେ ବିମାନବନ୍ଦର ନିକଟରେ ବନ୍ଧୁକ ପରି ଦିଶୁଥିବା ଲାଇଟର ଧରି ଭିଡିଓ କରିବା ପରେ ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ରବିବାର ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାତ୍ର ଏହି ଛାତ୍ରମାନେ କେଉଁ ସ୍କୁଲ ବା କଲେଜର ତାହା ଗୋପନ ରଖାଯାଇଛି। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥିବା ମତ ପ୍ରକାଶ ପାଇଛି।



### ପ୍ରତିକୂଳ ପାଗ ସତ୍ତ୍ୱେ ଦେଖାଗଲେ ବହୁ ସଂଖ୍ୟାରେ ଡଲଫିନ୍

# ଅଲିଭ୍‌ରିଡ୍‌ଲେ ପରେ ଗହୀରମଥା ପାଲଟିଛି ଡଲଫିନ୍‌ଙ୍କ ଏନ୍ତୁଡ଼ିଶାଳ

ରାଜନଗର, ୨୧।୧(ସମିସ)



ପ୍ରକୃତିରାଣୀ ଭିତରକନିକା ସୌନ୍ଦର୍ଯ୍ୟଭରା ପ୍ରାକୃତିକ ବିଭବରେ ଏବେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ସହିତ ଆତ୍ମବିଭୋର କରିଦେଉଛି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଳ ମାଳ ଅଲିଭରିଡଲେ କଇଁଛଙ୍କ ପ୍ରଜନନ ପକ୍ରିୟା ସାଙ୍ଗକୁ ବିଦେଶାଗତ ପକ୍ଷୀମାନଙ୍କ ସମାଗମ ଭିତରକନିକା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ବେଳେ ଏବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକା ଜାତୀୟଉଦ୍ୟାନରେ ପ୍ରବାହିତ ନଦୀର ମୁହାଁଣ ମାନଙ୍କରେ ଡଲଫିନ ମାନଙ୍କ ଜଳକ୍ରିଡା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାରେ ଲାଗିଛି। ଏବେ ରାଜନଗର ବନବିଭାଗ ପକ୍ଷରୁ ଡଲଫିନ ଗଣନା ଚଳିତମାସ ୨୦ ତାରିଖ ଠାରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପାଗର ପ୍ରତିକୂଳ ସତ୍ତ୍ୱେ ଗଣନାକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଧାମରା ମୁହାଁଣ ଠାରୁ ଦେବୀ ମୁହାଁଣ ଯାଏଁ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲଫିନ ଗଣନା କରୁଛନ୍ତି।

ମିଳିଥିବା ସୂଚନା ମୁତାବକ ଚିଞ୍ଚିରି ମୁହାଁଣ ଠାରୁ ଅଗରନାସୀ ମଧ୍ୟରେ ଗଣନାକାରୀ ଟିମ୍ ଇରାୱାଡି ଡଲଫିନଙ୍କ ୫ଟି ଗ୍ରୁପକୁ ଦେଖିବାକୁ ପାଇଥିବା ବେଳେ ବାବୁବାଲିରୁ ଏକକୂଳା ମଧ୍ୟରେ ଗଣନାକାରୀ ଟିମ୍ ଗୋଟିଏ ଗ୍ରୁପରେ ଶତାଧିକ ଡଲଫିନଙ୍କୁ ଦେଖିଥିବା ସୂଚନା ମିଳିଛି। ଇରାୱାଡି ଡଲଫିନ ସହିତ ହମ୍ପବ୍ୟାକ୍, ବଟଲନୋଜ, ସ୍ପିନର ପ୍ରଜାତିର ଡଲଫିନ ଦେଖିବାକୁ ପାଇଥିବା ଜଣାପଡ଼ିଛି। ଗତ ୨ବର୍ଷ ଧରି ଡିସେମ୍ବର ମାସରେ ଡଲଫିନଙ୍କ ଗଣନା କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ଅଧିକ ସଂଖ୍ୟାରେ ଡଲଫିନ ଦେଖିବାକୁ ମିଳିଥିଲା। ୨୦ ଓ ୨୧ ତାରିଖ ୨ଦିନ ପ୍ରତିକୂଳ କୋହଲା ପାଗ ସତ୍ତ୍ୱେ ଗଣନା ବେଳେ ବହୁ ସଂଖ୍ୟାରେ ଡଲଫିନଙ୍କ ସହିତ ଡଲଫିନ ଶାବକଙ୍କୁ ଦେଖିବାକୁ ମିଳିଥିବା ଗଣନାକାରୀ ଟିମ୍ ପକ୍ଷରୁ ସୂଚନା ମିଳିଛି। ଏହି ଖବର ଭିତରକନିକା ଓ ଗହୀରମଥା ପାଇଁ ନୂତନ ଅଧ୍ୟାୟ ସୃଷ୍ଟି କରିଛି।

**ଭିତରକନିକାରେ ଡଲଫିନ ଗଣନା ଜାରି**

ଏଠାରେ ସୂଚନାଯୋଗ୍ୟ ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତି କ୍ରମେ ୨୦୧୫ ମସିହାଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଠନ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ଚିଲିକା ଅଞ୍ଚଳରେ କେବଳ ଇରାୱାଡି ପ୍ରଜାତିର ଡଲ୍‌ଫିନ୍ ଦେଖାଯାଆନ୍ତି। ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖା ଯାଇଥାନ୍ତି। ଗତବର୍ଷ ଗଣନା ସମୟରେ ସାରା ଓଡ଼ିଶାରେ ୭୩୩ଟି ଡଲଫିନ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ଟି ଡଲଫିନ ଚିହ୍ନଟ ହୋଇଥିଲା। ନବେ ଦଶକରୁ ଗହୀରମଥା ଓ ଭିତରକନିକା ବଉଳା କୁମ୍ଭୀର ଏବଂ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଭାବେ ପରିଚିତ ଥିବାବେଳେ ଏବେ ଡଲଫିନ ମାନଙ୍କ ସର୍ବାଧିକ ସମାଗମ ପୁଣି ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଗହୀରମଥା ଡଲଫିନଙ୍କ ପାଇଁ ଆଉପାଦେ ଆଗକୁ ଯିବା ସହିତ ଡଲଫିନଙ୍କ ଏନ୍ତୁଡିଶାଳ ହେବାକୁ ଯାଉଛି।

## ସୁନ୍ଦର ଭାରତ ଗଠନ ଉଦ୍ଦେଶ୍ୟରେ ତିରଙ୍ଗା ଯାତ୍ରା



କେନ୍ଦ୍ରାପଡ଼ା, ୨୧।୧(ସମିସ): ପବିତ୍ର ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଘରୋଇ ବିଦ୍ୟାଳୟ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଆନୁକୂଲ୍ୟରେ ଏକ ତ୍ରିରଙ୍ଗା ଯାତ୍ରା କରାଯିବ। ଯାହାର ଦୈର୍ଘ୍ୟ ଏକ କିଲୋମିଟର ବ୍ୟାପୀ ରହିବ। ପ୍ରଥମେ ସକାଳ ୮ଟାରୁ ଇଚ୍ଛାପୁରସ୍ଥିତ ମାଉସୀମା ମନ୍ଦିର ପାଖରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ତିନିମୁହାଣି ଠାରେ ଉଦ୍‌ଯାପିତ ହେବ। ଏହି ଅବସରରେ ଜାଭିୟର ସ୍କୁଲର ଅଧକ୍ଷ ନିରଞ୍ଜନ ବେହେରା, ଡି.ଏ.ଭି ସ୍କୁଲ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ, ସଞ୍ଜୀବନି ବିଦ୍ୟାଳୟ ଚିତ୍ତରଞ୍ଜନ ଆଚାର୍ଯ୍ୟ, ରୁଦ୍ରାଣୀ ପବ୍ଲିକ ସ୍କୁଲର ଅଧକ୍ଷ ସୌଦାମିନୀ ପଣ୍ଡା, ଚାନ୍ଦୋଳ ଜାଭିୟର ସ୍କୁଲର ଅଧକ୍ଷ ଅରୁଣ ମହାପାତ୍ରଙ୍କ ଆୟୋଜନରେ ଜିଲ୍ଲାର ଥିବା ଶତାଧିକ ଘରୋଇ ବିଦ୍ୟାଳୟର ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ସାମିଲ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀ ୧ କିଲୋମିଟର ତ୍ରିରଙ୍ଗା ପତାକା କୁ ସମ୍ମାନର ସହିତ ସହର ପରିକ୍ରମା ସମୟରେ ସହରର ବ୍ୟବସାୟିକ ପ୍ରତିଷ୍ଠାନ, ବିଭିନ୍ନ ସଙ୍ଗଠନ, ପୂଜା କମିଟି, ଲୋକ ପ୍ରତିନିଧି, ବରିଷ୍ଠ ନାଗରିକ ମଞ୍ଚ ଓ ବୁଦ୍ଧିଜୀବୀ ତ୍ରିରଙ୍ଗା ପତାକାକୁ ବିଭିନ୍ନ ସ୍ଥାନରେ ଅଭ୍ୟର୍ଥନା ଦେବେ।

## ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି
## ଉଦ୍‌ଘାଟନୀ ମ୍ୟାଚରେ ପାରାଦୀପ ବିଜୟୀ



ରାଜନଗର, ୨୧।୧(ସମିସ): ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ଚଞ୍ଚଳା ମିନିଷ୍ଟାଡିୟମରେ ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି ଆଜି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନି ମ୍ୟାଚ ଜିମ୍‌ଖାନା ରାଉରକେଲା ଓ ପିସିସି ପାରାଦ୍ୱୀପ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିକୂଳ ପାଗ ଓ ବର୍ଷା ଯୋଗୁ ମ୍ୟାଚ ୧୫ ଓଭର ବିଶିଷ୍ଟ ହୋଇଥିଲା। ଟସ୍ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୧୬ ରନ କରିବାକୁ ପଡ଼ିଆକୁ ଓହ୍ଲାଇଥିବା ପାରାଦ୍ୱୀପ ସଂଘର୍ଷ କରି ଶେଷ ଓଭରରେ ଜିତିଥିଲା। ୧୪.୫ ଓଭରରେ ୭ ଉଇକେଟ ହରାଇ ୧୧୬ ରନ କରିବାକୁ ପାରାଦ୍ୱୀପ ସକ୍ଷମ ହୋଇଥିଲା। ଏହି ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିକୁ ଦୌଡରାଣୀ ଦୂତି ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦୌଡରାଣୀଙ୍କ ସହିତ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପଡ଼ିହାରୀ, କୋଷାଧ୍ୟକ୍ଷ ତପନ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରୋଦ ବଳ, ବିଭୂତି ସ୍ୱାଇଁ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ବିଜୟ ବଳ, ରମେଶ ଚନ୍ଦ୍ର ସାହୁ ଧାରାବିବରଣୀ ଓ ହଳଧର ପ୍ରଧାନ, ଶ୍ରୀନିବାସ ବଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଦଳିତ ନେତା ସବ୍ୟସାଚୀ ମଲିକଙ୍କ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ, ୨୧।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଦଳିତ ଜାତିସଂଘ ସଭାପତି ବରିଷ୍ଠ ଦଳିତନେତା ସବ୍ୟସାଚୀ ମଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ଦଳିତ ନେତା ବାରେଣୀ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଡ଼ ଅଲେଖ ଜେନା ମୁଖ୍ୟବକ୍ତା, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, କୈଳାଶ ମହାନ୍ତି, ଶାରଦା ପ୍ରସାଦ ରାଉତ, ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, କାଉନସିଲର ସୁବାସ ମଲିକ ଓ ମଳୟ ଓଝା, ପାରେଶ୍ୱର ବିଶ୍ୱାଳ, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀ, ସମ୍ପାଦକ କୂଳମଣି ମଲିକ, ଜିଲ୍ଲା ବିଜେଡି ଦଳିତ ସେଲ ସଭାପତି ଦଶରଥ ମଲିକ, ବିଜେପି ନେତା ମାଧବାନନ୍ଦ ମଲିକ, ଉତ୍ତମ ମଲିକ ପ୍ରମୁଖ ଯୋଗଦେଇ ଦିବଂଗତ ସବ୍ୟସାଚି ମଲିକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଅନିରୁଦ୍ଧ ମଲିକ ଧନ୍ୟବାଦ ଦେଇଥିଲେ।

## ଦେବପ୍ରସାଦ ଜଗତସିଂହପୁର ପିସିସି ପର୍ଯ୍ୟବେକ୍ଷକ



ତିର୍ତ୍ତୋଲ, ୨୧।୧(ସମିସ): ପ୍ରଦେଶ କଂଗ୍ରେସ କମିଟିର ସଭ୍ୟ ତଥା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ସମିତି ସଭ୍ୟ ଦେବପ୍ରସାଦ ନାୟକ(ଫେଲୁ) ପ୍ରଦେଶ କଂଗ୍ରେସ କମିଟି ତରଫରୁ ଜଗତସିଂହପୁର ବିଧାନସଭାକ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଶ୍ରୀ ନାୟକ ଦୀର୍ଘ ତିନି ଦଶନ୍ଧୀ ଧରି ଛାତ୍ର ଓ ଯୁବ ରାଜନୀତିରେ ରାଜ୍ୟସ୍ତରରେ ଦକ୍ଷତାର ସହ କାର୍ଯ୍ୟ କରିଆସିଛନ୍ତି। ସେ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବାରୁ ଜିଲ୍ଲା କଂଗ୍ରେସ ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ନେତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ହରିଅଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡେରାବିଶ, ୨୧।୧(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଓ ସରକାରଙ୍କ 'ନୂଆ-ଓ' ଯୋଜନା ଅଧୀନ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଅଧୀନ ଏହି କାର୍ଯ୍ୟକ୍ରମରେ ଜିଜ୍ଞାସା କ୍ରୀଡ଼ାଙ୍ଗନ ଓ କୌଶଳ ବିଭାଗର ଶିକ୍ଷକ ମଦନ ମୋହନ ନାୟକ, କ୍ରୀଡ଼ା ଶିକ୍ଷକ ନାରାୟଣ କାଣ୍ଡି ଓ ରୋଜାଲି ରାଜଲକ୍ଷ୍ମୀ ବେହେରା ମାର୍ଗଦର୍ଶକ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଛାତ୍ରଛାତ୍ରୀମାନେ ଏହି ତିନି ବିଭାଗରେ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହାଛଡ଼ା ଭାଷା ଓ ସାହିତ୍ୟ ବିଭାଗରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ୱରଚିତ କବିତା ଆବୃତି ଓ ଗଳ୍ପ ପଠନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ପରିହାରୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ସମାଜସେବୀ ବିଜନ ରାୟ, ମୁଖ୍ୟବକ୍ତା ଭାବେ 'ମୋ ସ୍କୁଲ'ର ସଭାପତି ଅନନ୍ତ ନାରାୟଣ ପରିଡ଼ା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ଜେନା, ସମାଜସେବୀ ଗୋଲଖ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଓ ପରିକ୍ଷୀତ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ତୁଳସୀ ସାହିତ୍ୟ ସଂସଦର କବିତା ପାଠୋତ୍ସବ



ଜଗତସିଂହପୁର, ୨୧।୧(ସମିସ): ଜଗତସିଂହପୁର ପୁସ୍ତକ ମେଳା ମଞ୍ଚରେ ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ତୁଳସୀ ସାହିତ୍ୟ ସଂସଦର ସଭାପତି ଶିକ୍ଷକ ଶରତ ଚନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ବଂଶୀଧର ଆଚାର୍ଯ୍ୟ, ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ଭଗବାନ ଦାଶ, ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପରିଷଦର ସମ୍ପାଦକ ଆଇନଜୀବୀ ଶାରଦା ପ୍ରସାଦ ଦାସ, ଅଧ୍ୟାପକ ବିଜୟ କୁମାର ବିଶ୍ୱାଳ, ସୁବାଷ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ କବିତା ପାଠୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ସଂସଦର ଉପସଭାପତି ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିକ୍ଷକ ଶିଶିର କୁମାର ତ୍ରିପାଠୀ ସଂସଦର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ୪୦ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବି ସୀତାଂଶୁ ଜେନା ଓ ଅଶୋକ କୁମାର ମୁଦୁଲି କବିତା ସଂଯୋଜନା କରିଥିଲେ। ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ କବି ପୁରୁଷୋତ୍ତମ ଦାସଙ୍କୁ ଓ କବୟିତ୍ରୀ ପୁଷ୍ପିତା ଭୋଇଙ୍କୁ ମାନପତ୍ର ଓ ଅଭିନନ୍ଦନ ଦିଆଯାଇ 'ତୁଳସୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ଲେଖିକା ସତ୍ୟବତୀ ସ୍ୱାଇଁଙ୍କ ପୁସ୍ତକ 'ଟି-ସାର୍ଟ'ର ଲୋକାର୍ପଣ କରାଯାଇଥିଲା। ପରିଶେଷରେ ତୁଳସୀ ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ଆଇନଜୀବୀ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣୀ କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



ପଟ୍ଟାମୁଣ୍ଡାଇ, ୨୧।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ 'ନୂଆ -ଓ' ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ସୁବାସ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। +୩ ଅଧିକାରୀ ଅଧ୍ୟାପକ ଡ଼ ମନୋରଞ୍ଜନ ସାହୁ ଓ +୨ ଅଧିକାରୀ ଅଧ୍ୟାପକ ତାପସ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ନାୟକ, ଅଧ୍ୟାପକ ପ୍ରଶାନ୍ତ ସାମଲ, ଅଧ୍ୟାପକ ସୁଧାଂଶୁ ସାମଲ, ଅଧ୍ୟାପିକା ମମତାମୟୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପିକା କାହ୍ନୁଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି; କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦ୍ରାପଡ଼ା, ୨୧।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନ ଦେସାହି ଗ୍ରାମର ଜଣେବ୍ୟକ୍ତି ଆଳି ଜଳସେଚନ ବିଭାଗରେ ଜାଲ୍ ନବମ ପାସ ସାର୍ଟିଫିକେଟ ଦେଇ ନିଜ ନାଁ ବଦଳେଇ ଦୀର୍ଘବର୍ଷ ହେବ ଚାକିରି କରି ଆସୁଛନ୍ତି। ଏନେଇ ଅଭିଯୋଗ ହେବାପରେ ଜାତୀୟ ମାନବାଧିକାର କମିଶନ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଅଭିଯୋଗ କରିବା ପରେ ଏନ୍‌ଏଚ୍‌ଆର୍‌ସିରେ ଏକ ମାମଲା ନଂ.୧୧୨୯/୨୦୨୪ ଦାଏର ହୋଇଛି।

ଏହି ମାମଲାରେ ଜିଲ୍ଲାପାଳ କେନ୍ଦ୍ରାପଡ଼ା, ଆଇଆଇସି ଆଳି, ଜିଲ୍ଲା ଜଳସେଚନ ବିଭାଗ କେନ୍ଦ୍ରାପଡ଼ା, ରାଜ୍ୟ ଜଳସେଚନ ବିଭାଗ ଓଡ଼ିଶା, କ୍ରାଇମବ୍ରାଞ୍ଚକୁ ପକ୍ଷଭୁକ୍ତ କରାଯାଇଛି। ଅଭିଯୁକ୍ତ ଜଣକ ଆଳି ବ୍ଲକ ଅଧୀନ ଦେସାହି ପଞ୍ଚାୟତ ଦଧିବାମନଜୀଉ ବିଦ୍ୟାପୀଠରୁ ମାଟ୍ରିକ ପାସ୍ କରିଛନ୍ତି। ଭୋଟର ଲିଷ୍ଟରେ ତାଙ୍କର ପ୍ରକୃତ ନାଁ ରହିଥିବା ବେଳେ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ସୁବର୍ଣ୍ଣଦେବୀ ସଂସ୍କୃତ ବିଦ୍ୟାଳୟରୁ ଏକ ଜାଲ ନବମ ପାସ ସାର୍ଟିଫିକେଟ ଦେଇ ଦୀର୍ଘ ବର୍ଷ ହେବ ପ୍ରଫୁଲ୍ଲ ଦାସ ନାଁରେ ଚାକିରି କରୁଛନ୍ତି। ଅନ୍ୟ ପକ୍ଷରେ ଅଭିଯୁକ୍ତଙ୍କ ବିରୋଧରେ ଆଳି ଥାନାରେ ଏକ ହତ୍ୟା ମୋକଦ୍ଦମା ନଂ.୧୫୨/୨୨ ଦଫା ୩୦୨ରେ ଆଳିବିଚାର ବିଭାଗୀୟ ଅଦାଲତରେ ବିଚାରଧୀନ ଅଛି। ଜାଲ ସାର୍ଟିଫିକେଟ ଦେଇ ନାଁ ବଦଳେଇ ଦୀର୍ଘ ବର୍ଷ ହେବ ସରକାରଙ୍କୁ ଠକି ଚାକିରି କରିବା ଘଟଣାରେ ମାନ୍ୟବର କମିଶନ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସୁବ୍ରତ ଦାବି କରିଛନ୍ତି।

## ୪୩ ଜିଓ ମୋବାଇଲ ଜବତ; ପରିଚାଳକ ଗିରଫ



ମାର୍ଶାଘାଇ, ୨୧।୧(ସମିସ): ମାର୍ଶାଘାଇ ଥାନା ଅନ୍ତର୍ଗତ ଓସାର ଗ୍ରାମର ବଳରାମ ମଲ୍ଲିକଙ୍କ ଠାରୁ ପୁଲିସ ୪୩ ଜିଓ ମୋବାଇଲ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅଭିଯୁକ୍ତ ବଳରାମ କେନ୍ଦ୍ରାପଡ଼ା ତିନିମୁହାଣୀ ଛକ ସଙ୍ଗୀତା କମ୍ପ୍ଲେକ୍ସ ଜିଓ ପଏଣ୍ଟ ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ଜିଓ ପଏଣ୍ଟରୁ ୪୩ଟି ମୋବାଇଲ ହେରଫେର କରିଥିବା ମାଲିକ ତଥା ଯାଜପୁର ମଙ୍ଗଳପୁର ବିରିପାଟ ଗ୍ରାମର ପ୍ରବୀଣ କୁମାର ଧଳ ଥାନାରେ ଅଭିଯୋଗ କରିଥିଲେ। ମାର୍ଶାଘାଇ ପୁଲିସ ଓସାରରେ ପହଞ୍ଚି ବଳରାମଙ୍କ ନିକଟରୁ ମୋବାଇଲ ଜବତବା ସହ ଗିରଫ କରି କୋର୍ଟ ଚାଲାଣ କରିଛି।

### ସତ୍ତା ହରାଇଲାଣି ଆଦର୍ଶ ପୋଖରୀ

# ବଦଳିଗଲେଣି ଅଧିକାରୀ; ପୋଖରୀରେ ଚରୁଛନ୍ତି ଗାଈ

ଗରଦପୁର, ୨୧।୧(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ସର୍ବାଧିକ ନିମ୍ନମାନର କାମ, କାମ ନକରି ଫଲ୍ସ ବିଲ, କାମ ବିଳମ୍ବ କରାଇ ଏଷ୍ଟିମେଟ୍ ବଢ଼ାଇ ଲୁଟ କରୁଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାର ବିକାଶ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଥିଲେ ମଧ୍ୟ ଅସାଧୁ ଅଧିକାରୀ, ଯନ୍ତ୍ରୀ ଆଉ ଠିକାଦାରଙ୍କ ମିଳିଭଗତରେ ଅର୍ଥ ହରିଲୁଟ୍ ହେଉଥିବାବେଳେ ଯୋଜନା ବାଟବଣା ହେଉଛି। କେନ୍ଦ୍ରାପଡ଼ାର ୯ ବ୍ଲକ ମଧ୍ୟରୁ ଗରଦପୁରରେ ଏହା ଚରମ ସୀମାରେ ପହଞ୍ଚିଛି। ଗରଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ହୋଇଥିବା ଏକ ପାର୍କକୁ ଦେଖିଲେ ଯେକେହି ଜାଣିପାରିବ। ବିଲ ପରେ ବିଲ ନେଇଯାଇ ଠିକାଦାର ମାଲେମାଲ ହୋଇଥିବାବେଳେ ପାର୍କ ପାଚେରୀ ଭୂଶୁଡି ପଡ଼ିଲାଣି। ଭଙ୍ଗା ଦଦରା ଆଉ ନିମ୍ନମାନର ସାମଗ୍ରୀ ଲଗାଇ ଏବେ ବିପଦସଂକୁଳ ଅବସ୍ଥାରେ ଛଡ଼ାଯାଇଛି। ସେହିପରି ବ୍ଲକ ଭିତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ ହୋଇଥିବାବେଳେ କେବଳ ରଙ୍ଗ ମରାଯାଇ ହରିଲୁଟ ହୋଇଥିବା ଦସ୍ତାବିଜ ହସ୍ତଗତ ହୋଇଛି। ସବୁଠାରୁ ବଡ ଘୋଟାଲା ବ୍ଲକ ପରିସରରେ ନିର୍ମାଣ ହୋଇଥିବା ସ୍ମାର୍ଟ୍ ପୋଖରୀରେ



ହୋଇଛି। ଅତି ନିମ୍ନମାନର କାର୍ଯ୍ୟ କରି ପ୍ରାୟ ୩୨ ଲକ୍ଷ ଟଙ୍କା ହରିଲୁଟ କରାଯାଇଛି ବୋଲି ଅଭିଯୋଗ ହେଉଛି। ଯେଉଁ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା ତାଙ୍କର ବଦଳି ହୋଇଯିବା ପରେ ନୂତନ ଅଧିକାରୀ ମଧ୍ୟ ସେ କାର୍ଯ୍ୟକୁ ଦୃଷ୍ଟି ଦେଲେନି। ଫଳରେ ଜରାଜୀର୍ଣ୍ଣ ଅବସ୍ଥାରେ ସ୍ମାର୍ଟ ପୋଖରୀ ପଡ଼ିରହିଛି। ଯନ୍ତ୍ରୀ ଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ ସମସ୍ତେ ଲୁଟି ଖାଇଛନ୍ତି ବୋଲି ଅଭିଯୋଗ ହୋଇଛି। ବ୍ଲକ ପରିସରରେ ସୌନ୍ଦର୍ଯ୍ୟ ବୃଦ୍ଧି କରାଇବା ଆଳରେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ରାଜକୋଷରୁ ଖର୍ଚ୍ଚ କରି ଏକ ଛୋଟ ଖାଲୁଆ ସ୍ଥାନରେ ପୋଖରୀ ନିର୍ମାଣ କରାଯାଇଛି। ହେଲେ ନିର୍ମାଣ ହୋଇଥିବା ପୋଖରୀ କେବଳ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ପାଇଁ ଲାଭଦାୟକ ହୋଇଛି। ଗରଦପୁର ବ୍ଲକ ପରିସରରେ ଅନେକ ବର୍ଷ ପୂର୍ବରୁ ଏକ ଛୋଟିଆ ଖାଲ ଥିଲା। ସେହି ସ୍ଥାନକୁ ମାଟି ପୋତି ପରିପୂର୍ଣ୍ଣ କରିବା ପରିବର୍ତ୍ତେ ଆହୁରି ଖାଲ ଖୋଳି ତାହାକୁ ଏକ ସ୍ମାର୍ଟ ପୋଖରୀରେ ସାମିଲ୍ କଲା ବ୍ଲକ ପ୍ରଶାସନ। ହେଲେ କରାଯାଇଥିବା କାର୍ଯ୍ୟ କେବଳ ଲୋକଦେଖାଣିଆ ବ୍ୟତୀତ ଅନ୍ୟ କୌଣସି ସ୍ୱାର୍ଥରେ ଆସୁନାହିଁ। ଦୁଇବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପୋଖରୀରେ ଏପର୍ଯ୍ୟନ୍ତ ଟୋପାଏ ପାଣି ରହୁନି କିମ୍ବା ସେହି ପୋଖରୀ ମଧ୍ୟକୁ ପାଣି ଛାଡ଼ିବାର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଏହା ସହିତ ଚାରି ପାର୍ଶ୍ୱରେ ଲଗାଯାଇଥିବା ଲାଇଟ୍ ଲାଗିବାର କିଛିଦିନ ପରେ ଅକାମୀ ହୋଇପଡ଼ିଥିଲା। ଏବେ ଏହି ପୋଖରୀରେ ଭଲ ଘାସ ହୋଇଥିବାରୁ ଗାଈଗୋରୁ ଚରୁଥିବା ଦେଖିବାକୁ ମିଳୁଛି। ନିମ୍ନ ମାନର କଂକ୍ରିଟ ଢଳାଇ ଲାଗି ଏବେ ତାହା ଉପରେ ଘାସ ଲଟା ଭର୍ତି ହୋଇଯାଇଛି। ନିର୍ମାଣଧୀନ ପୋଖରୀ ବ୍ଲକ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପରିବର୍ତ୍ତେ ଏବେ ଅଳିଆ ଆବର୍ଜନା ସହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଖୋଦ୍ ବ୍ଲକ ପରିସରରେ ଅଯଥା ସରକାରୀ ଅର୍ଥ ବ୍ୟୟକରି ପୋଖରୀ ଅକାମୀ ହୋଇପଡ଼ିଥିବା ବେଳେ ଅନ୍ୟ ପଞ୍ଚାୟତର ଚିତ୍ର କେଉଁଭଳି ଥିବ ତାହା ସହଜେ ଅନୁମେୟ।

